# ଓଡିଶାର ପ୍ରଥମ ଜୈବିକ ସାର କାରଖାନା ଉଦ୍‌ଘାଟିତ

Anupam Bharat



ପାରାଦ୍ୱୀପ, ୧୯।୪ (ଅନୁପମ ମିଡିଆ): ସଫଳତାର ଆଉ ଏକ ପାହାଚ ଅତିକ୍ରମ କରିଛି ଆମ ଦେଶର ସର୍ବୋତ୍କୃଷ୍ଟ ଉତ୍ପାଦନକାରି ସଂସ୍ଥା ଇଫକୋ। ନିଜର ୟୁରିଆ, ଡିଏପି, ଏନପିକେ ଓ ଏନପି ପରି ସାର ଉତ୍ପାଦନ କରି ଇଫକୋ ବେଶ ସୁନାମ ଅର୍ଜନ କରିଛି। ଏଥିସହିତ ଆଜି ଓଡିଶାରେ ପ୍ରଥମ ଥର ପାଇଁ ଜୈବିକ ସାର ଉତ୍ପାଦନ କରି ଇଫକୋ ପ୍ରଥମ କରି ବଜାରକୁ ଛାଡିଛି। ଯାହାର ଏକ ଉଦଘାଟନ ଉତ୍ସବ କାରଖାନା ପରିସରରେ ଆୟୋଜିତ କରାଯାଇଥିଲା।

ଏଥିରେ ମୁଖ୍ୟ ଅତିଥି ଭାବେ ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅବସ୍ଥି ଯୋଗ ଦେଇ ଆନୁଷ୍ଠାନିକ ଭାବେ ଯୋଗ ଦେଇଥିଲେ। ତେବେ ଏହି ଜୈବିକ ସାରକାରଖାନା ସେହି ଇଫକୋ ପ୍ଲାଣ୍ଟ ପରିସରରେ ହିଁ ପ୍ରତିଷ୍ଠା ହୋଇଛି। ଏହା ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଅତ୍ୟାଧୁନିକ ପ୍ରଣାଳିରେ ଉତ୍ପାଦିତ କରାଯାଉଛି ଏବଂ ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୪କୋଟି ଟଙ୍କା ବିନିଯୋଗ ହୋଇଛି। ଏହା ପ୍ରଥମ କରି ଉତ୍ପାଦିତ ହୋଇ ବାର୍ଷିକ ପ୍ରାୟ ୧ଲକ୍ଷ୍ୟ ଲିଟର ଉତ୍ପାଦନ କରାଯାଇ ବଜାରକୁ ଛଡା ଯାଉଥିବାରୁ ପରବର୍ତ୍ତି ପର୍ଯ୍ୟାୟରେ ଏହାକୁ ଚାହିଦା ଅନୁସାରେ ବୃଦ୍ଧି କରାଯିବା ପାଇଁ ଲକ୍ଷ ରଖାଯାଇଛି। ତେବେ ଏହି ଜୈବିକ ସାର ଚାଷ ପାଇଁ ରାସାୟନିକ ସାରଠାରୁ ଅଧିକ ଉପାଦେୟତା। ଯେଉଁଠି ଚାଷ ଜମିରେ ଉର୍ବର ଫସଲ ପାଇଁ ରାସାୟନିକ ସାର ପ୍ରୟୋଗ କରାଯାଉଥିଲା ସେଠାରେ ବହୁ କମ୍ ଖର୍ଚ୍ଚରେ ଏହି ଜୈବିକ ସାର ପ୍ରୟୋଗ କରାଯିବ ଯାହାର ପ୍ରୟୋଗରେ ମାଟିର ଉର୍ବରତା ନଷ୍ଟ ନ ହୋଇ ବୃଦ୍ଧି ପାଇବ। ସେ ଦୃଷ୍ଟିରୁ ୧ଲିଟର ଜୈବ ସାରରେ ପ୍ରାୟ ୧ହେକ୍ଟର ଜମି ଓ ପ୍ରାୟ ୧ଏକରକୁ ପ୍ରାୟ ୪୦୦ସହ ମିଶି ଲିଟର ଜୈବିକ ସାର ପ୍ରୟୋଗ କରାଯିବ। ତାଛଡା ଏହାର ଉପଯୋଗିତା ଓ ବ୍ୟବହାର ନେଇ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରମାନ କରାଯିବ ଯେଉଁଥିରେ ଆମ ରାଜ୍ୟର ଚାଷି ବେଶ୍ ଉପକୃତ ହେବେ ବୋଲି ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅବସ୍ଥି କହିଛନ୍ତି। ତେବେ ଏହା ପ୍ରଥମ କରି ଉତ୍ପାଦିତ ଓ ଓଡିଶା ବଜାରରେ ପ୍ରବେଶ କରାଯାଉଥିବାରୁ ଏନେଇ କାରଖାନା ପରିସରରେ ଏକ କୃଷକ ସମାବେଶର ଆୟୋଜନ କରାଯାଇଥିଲା। ଯେଉଁଥିରେ ପାଖାପାଖି ଅଞ୍ଚଳରୁ ଶତାଧିକ ଚାଷି ଯୋଗଦେଇଥିବା ବେଳେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଚାଷିମାନେ ନିମନ୍ତ୍ରିତ ହୋଇଥିଲେ। ଏନେଇ ଏକ ସଭାର ଆୟୋଜନ ମଧ୍ୟ ହୋଇଥିଲା। ଏଥିରେ ଡ. ଅବସ୍ଥିଙ୍କ ସମେତ ପାରାଦ୍ୱୀପ ୟୁନିଟ୍ ମୁଖ୍ୟ ଆଶିଷ କୁମାର ପଣ୍ଡା, ଓଡିଶା ପ୍ରବନ୍ଧକ ଏସ୍. ଚଟ୍ଟୋପାଧ୍ୟାୟ, କୋରଡେଟ୍ ପକ୍ଷରୁ ଡ. ମନ୍ମଥ ପ୍ରସାଦ ପ୍ରମୁଖ ମଞ୍ଚାସିନ ଥିଲେ। ମାନବ ସମ୍ବଳ ଓ ପ୍ରଶାସନିକ ପ୍ରବନ୍ଧକ ଶ୍ରୀ ଜ୍ଞାନଚାନ୍ଦ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ନୂତନ ଭାବେ ଉତ୍ପାଦିତ ଜୈବିକ ସାରର ଉପକାରିତା ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା।

ତେବେ ଆହୁରି ଫଳପ୍ରଦ ହେବ ବୋଲି ନାହାଙ୍ଗା କୃଷକ ମଞ୍ଚ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜଗତସିଂହପୁର କୃଷକ ସଙ୍ଘ ପକ୍ଷରୁ ଚୈତନ୍ୟ ପାଣି ପ୍ରମୁଖ କେତେକ ଚାଷୀ ମତ ଦେଇଛନ୍ତି। ତେବେ ଇଫକୋର ଏପରି ପଦକ୍ଷେପକୁ ସାଧାରଣରେ ବେଶ ପ୍ରଶଂଶା କରାଯାଉଛି। ଆଜିର କାର୍ଯ୍ୟକ୍ରମକୁ ଇଫକୋର ଯୋଗସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେହେରାଙ୍କ ସମେତ ଅନ୍ୟ ଅଧିକାରୀ ଜ୍ଞାନେନ୍ଦ୍ର ସୁନ୍ଦରରାୟ ପ୍ରମୁଖ ସଭାକୁ ସଫଳ କରିବାରେ ସହଯୋଗ କରିଥିଲେ।